

# ଝାଡ଼ଖଣ୍ଡରୁ ୩ ସାଇବର ଠକ ଗିରଫ

**ଭବାନୀପାଟଣା,୧୪।୯(ଡି.ଏନ.ଏ.)**

କଳାହାଣ୍ଡି ପୋଲିସ କେସିଙ୍ଗାର ବ୍ୟବସାୟୀ ବିବେକ ଅଗ୍ରୱାଲଙ୍କଠାରୁ ସାଇବର ଠକ ୮୯ ହଜାର ଟଙ୍କା ଠକି ନେବା ଘଟଣାରେ କେସିଙ୍ଗା ପୋଲିସ ଝାଡ଼ଖଣ୍ଡ ଜାମତରା ଥାନା ଅଞ୍ଚଳରୁ ୩ଜଣ ଆନ୍ତଃରାଜ୍ୟ ସାଇବର ଠକଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ଝଡ଼ଖଣ୍ଡର ଜାମତରା ଜିଲା କରମାଣ୍ଟର ଥାନା ବରମମୁଣ୍ଡି ଗ୍ରାମର ରାଇସ୍ ଆନସାରୀ (୧୮), ମହମ୍ମଦ ସଜିଦ (୨୬), ଅବଦୁଲ ଅନସାରୀ (୨୨)। ଗିରଫ ଅଭିଯୁକ୍ତମାନେ ପୂର୍ବରୁ ବିଭିନ୍ନ ରାଜ୍ୟରୁ ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସାଇବର ଠକେଇ କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣିବାକୁ ପାଇଛି ବୋଲି ସୋମବାର କାହାଣ୍ଡି ଏସ୍‌ପି ଡା ଶ୍ରବଣ ବିବେକ ଏମ୍ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସପି କହିଥିଲେ ଯେ, କେସିଙ୍ଗାର ଯୁବ ବ୍ୟବସାୟୀ ବିବେକ ଅଗ୍ରୱାଲ ୨୦୨୧ ଜୁନ ୧ରେ ଅନଲାଇନ ଜିନିଷ ବୁକ କରିଥିଲେ। ଦୀର୍ଘ ଦିନ ଧରି ବିଳମ୍ବ ହେବା ପରେ ଗୁଗୁଲରୁ ସର୍ଚ୍ଚ କରି ସମ୍ପୃକ୍ତ ନମ୍ବରରେ କଥା ହୋଇଥିଲେ। କଥା ହେବା ମଧ୍ୟରେ ସାଇବର ଠକ ଅଗ୍ରୱାଲଙ୍କଠାରୁ ୟୁପିଆଇ ନମ୍ବର ନେଇ ଆକାଉଣ୍ଟରୁ ୮୯ ହଜାର ଟଙ୍କା ଲୁଟି ନେଇଥିଲେ। ଏହାପରେ ବିବେକଙ୍କ ମୋବାଇଲକୁ ବ୍ୟାଙ୍କରୁ ମେସେଜ ଆସିବାରୁ ପର୍ଯ୍ୟାୟକ୍ରମେ ୧୧ ଥରରେ ୮୯ ହଜାର ଟଙ୍କା ଉଠାଯାଇଥିବା ସେ ଜାଣି ପାରିଥିଲେ। ସାଇବର ଠକ ତାଙ୍କ ଆକାଉଣ୍ଟରୁ ଟଙ୍କା ନେଇଥିବା ଜାଣିବା ପରେ ବିବେକ କେସିଙ୍ଗା ଥାନାରେ ଲିଖିତ ଏତଲା ଦେଇଥିଲେ। ବିବେକଙ୍କ ଲିଖିତ ଏତଲା ଅନୁସାରେ କେସିଙ୍ଗା ଥାନାରେ ପୋଲିସ ଏକ ମାମଲା (ନଂ.୧୮୬/୨୧) ରୁଜୁ କରିଥିଲା। ଏସ୍‌ପିଙ୍କ ତତ୍ତ୍ୱାବଧାନରେ କେସିଙ୍ଗା ଆଇଆଇସି ସତ୍ୟ କୁମାର ନନ୍ଦଙ୍କ ନେତୃତରେ କେସିଙ୍ଗା ପୋଲିସ ତଦନ୍ତ କରିବା ସହିତ ଏକ ସ୍ୱତନ୍ତ୍ର ଟିମ ଝାଡ଼ଖଣ୍ଡ ଯାଇଥିଲା। ସ୍ଥାନୀୟ ପୋଲିସ ସହାୟତାରେ ଝଡ଼ଖଣ୍ଡର ଜାମତରା ଜିଲା କରମାଣ୍ଟର ଥାନା ବରମମୁଣ୍ଡି ଗ୍ରାମରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ୩ ଅଭିଯୁକ୍ତଙ୍କୁ ଗିରଫ କରି କେସିଙ୍ଗା ଅଣାଯିବା ପରେ ସେମାନଙ୍କୁ ଅଧିକ ପଚରାଉଚରା କରିବା ପରେ ସେମାନେ ବିଭିନ୍ନ ରାଜ୍ୟରେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସାଇବର ଠକେଇ କରିଥିବା ଜଣାପଡିଛି ବୋଲି ଏସ୍‌ପି ସୂଚନା ଦେଇଥିଲେ। ସେମାନଙ୍କ ବିଭିନ୍ନ ବ୍ୟାଙ୍କରେ ଥିବା ୬୯ ହଜାର ଟଙ୍କା ଓ ସାଇବର କାର୍ଯ୍ୟରେ ବ୍ୟବହୃତ ମୋବାଇଲ ଏବଂ ସିମି ଜବତ କରାଯିବା ସହିତ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏସପି ସୂଚନା ଦେଇଛନ୍ତି।



ଗିରଫ ୩ ଅଭିଯୁକ୍ତ।

**ଆନ୍ତଃରାଜ୍ୟ ସାଇବର ଠକେଇ ମାମଲା**

- ବିଭିନ୍ନ ରାଜ୍ୟରୁ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଠକେଇ
- ସାଇବର କାର୍ଯ୍ୟରେ ବ୍ୟବହୃତ ସିମ୍ ଜବତ

# ନୂଆଁଖାଇ ଜୁହାର କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର



ଅଚଣ୍ଡାରେ ଅନୁଷ୍ଠିତ ରକ୍ତଦାନ ଶିବିର।

**ଅମରପାଲି,୧୪।୯(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ରୁଗୁଡିପାଲି, ଅଚଣ୍ଡା ଗାଁ କଲ୍ୟାଣ ସମିତି ଏବଂ ରକ୍ତଦାତା ସଂଘର ମିଳିତ ଉଦ୍ୟମରେ ଅନୁଷ୍ଠିତ ନୂଆଁଖାଇ ଜୁହାର କାର୍ଯ୍ୟକ୍ରମ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ମୁଖ୍ୟ ଅତିଥି ଭାବେ କେନଝିରିଆପାଲି ପଞ୍ଚାୟତର ସରପଞ୍ଚ ସନ୍ତୋଷ ପଧାନ, ସମ୍ମାନୀତ ଅତିଥିଭାବେ ଗ୍ରାମ କଲ୍ୟାଣ ସମିତି ସଂଯୋଜକ ଅକ୍ରୁର ନାଏକ, ଜିଲା ରକ୍ତଦାତା ସଂଘ ସଭାପତି ମନୋଜ ପଣ୍ଡା ଉପସ୍ଥିତ ଥିଲେ। ସୁବର୍ଣ୍ଣପୁର ଜିଲା ରକ୍ତ ଭଣ୍ଡାରର ଜଗତ ଦରୁଅନ, ସୁବାସ ପଣ୍ଡା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

# ସାପକାମୁଡ଼ାରେ ବାଳକ ମୃତ

**ଦେବଗଡ଼,୧୪।୯(ଡି.ଏନ.ଏ):** ସାପ କାମୁଡାରେ ବାରକୋଟ ଥାନା ଅଧୀନ ଦଣ୍ଡାସିଂହା ଗ୍ରାମର ଜଣେ ବାଳକ ପ୍ରାଣ ହରାଇଛନ୍ତି। ମୃତକ ହେଲେ ସୂଚନା ଅନୁଯାୟୀ ଭୀମସେନ ବେହେରାଙ୍କ ପୁଅ ସବନମ ବେହେରା(୧୪)। ସବନମ ଅନ୍ୟ ଦିନ ଭଳି ସୋମବାର ରାତିରେ ଖିଆପିଆ ସାରି ଘରେ ଶୋଇଥିଲେ। ମଧ୍ୟରାତ୍ରିରେ ଏକ ବିଷଧର ସାପ ତାଙ୍କୁ କାମୁଡିବାରୁ ସେ ନିଦରୁ ଉଠି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଡାକ୍ତରଖାନା ନ ଆଣି ଝଡାଫୁଙ୍କା କରାଇଥିଲେ। ଅବସ୍ଥା ଗୁରୁତର ହେବାରୁ ମଙ୍ଗଳବାର ସକାଳେ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସବନମଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଦେବଗଡ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ହୋଇଛି।

# ମାସେ ନ ପୂରୁଣୁ ମନ୍ଦିର ପାଚେରିରେ ଫାଟ

**ବାଉଁଶୁଣୀ,୧୪।୯(ଡି.ଏନ.ଏ.):** ନିମ୍ନମାନର କାମ ଯୋଗୁ ବୌଦ୍ଧ ବ୍ଲକ ବାଉଁଶୁଣୀସ୍ଥିତ ଭୁବନେଶ୍ୱର ବାବା ମନ୍ଦିରର ପାଚେରିରେ ଫାଟ ସୃଷ୍ଟି ହୋଇଛି। ମହାନଦୀ କୂଳରେ ଅବସ୍ଥିତ ଏହି ମନ୍ଦିର ବନ୍ୟା ସମୟରେ ବିପଦଶଙ୍କୁଳ ଅବସ୍ଥା ଆଡକୁ ଗତି କରୁଥିବାରୁ ଏହାର ସୁରକ୍ଷା ପାଇଁ ମନ୍ଦିରର ସେବାୟତ, ପରିଚାଳନା କମିଟି ଓ ଗ୍ରାମବାସୀ ବହୁତ ଦିନ ହେଲା ଜିଲାପାଳଙ୍କ ନିକଟରେ ଦାବି କରୁଥିଲେ। ଫଳରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ତତଫରୁ ବନ୍ୟା ଜଳକୁ ରୋକିବା ପାଇଁ ୭ ଲକ୍ଷ ଟଙ୍କାରେ ପାଚେରି ନିର୍ମାଣ କରାଯାଇଥିଲା। କିନ୍ତୁ ଦୁଃଖର ବିଷୟ ନିମ୍ନମାନର କାମ ଯୋଗୁ ନିର୍ମାଣର ମାସେ ନ ପୂରୁଣୁ ଲଗାଣ ବର୍ଷାରେ ପାଚେରିରେ ବଡ଼ ଫାଟ ସୃଷ୍ଟି ହେଇଥିବାର ଦେଖିବାକୁ ମିଳିଛି। ଯଦି ଆଗକୁ ବନ୍ୟା ହୁଏ ତେବେ ପାଚେରି ପାଣିରେ ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା କରାଯାଉଛି। ସରକାର୍ କା ମାଲ ଦରିଆ ମେ ଡ଼ାଲ ନୀତିରେ କାମ କରି ଠିକାଦାର ମାଲାମାଲ ହେଉଥିବା ବେଳେ ମନ୍ଦିର ସୁରକ୍ଷା ପ୍ରତି କାହାରି ନିଘା ଥିବା ପରି ମନେ ହୁଏନାହିଁ। ଜିଲାପାଳ ଓ ବିଡ଼ିଓ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।






















# ଧକ୍କା ଦେଲା ଟ୍ରେନ୍, ବାଳକ ମୃତ

**ଲୋଇସିଂହା,୧୪।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ରେଳ ଷ୍ଟେଶନ ନିକଟ ସାରେସମୁଣ୍ଡାଠାରେ ଟ୍ରେନ ଧକ୍କାରେ ଜଣେ ବାଳକଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି । ମୃତକ ହେଲେ ସେମେଲମୁଣ୍ଡା ଗ୍ରାମର ଆରଜ୍ଜୁ ଧରୁଆ (୧୪)। ଲୋଇସିଂହା ପୋଲିସ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ମୃତଦେହ ବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଭୂତଳ ପୋଲରେ ଜମି ରହୁଥିବା ପାଣି ନିଷ୍କାସନ ବ୍ୟବସ୍ଥା କରି ଯାତାୟାତ ଉପଯୋଗୀ କରିବାକୁ ସେମାନେ ଦାବି କରିଥିଲେ। ଲୋଇସିଂହା ଷ୍ଟେଶନ ଗସ୍ତରେ ଆସିଥିବା ଏଡିଏନଙ୍କ ଜରିଆରେ ଡିଆରଏମଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ହୀରାପୁର ପଞ୍ଚାୟତ ସେମେଲମୁଣ୍ଡା ଗ୍ରାମର ସୁବାଷ ଧରୁଆଙ୍କ ଅଷ୍ଟମ ଶ୍ରେଣୀରେ ପଢୁଥିବା ପୁଅ ଆରଜ୍ଜୁ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ କୌଣସି କାମରେ ଲୋଇସିଂହା ଆସୁଥିଲେ। ପ୍ରବଳ ବର୍ଷା ଯୋଗୁ ସାରେସମୁଣ୍ଡାସ୍ଥିତ ରେଳ ଭୂତଳ ପୋଲରେ ଛାତିଏ ପାଣି ଥିଲା। ଅପରପାର୍ଶ୍ୱକୁ ଯିବା ପାଇଁ ସେ ଲେଭଲ କ୍ରସିଂ ପାର ହେବାକୁ ଉଦ୍ୟମ କରୁଥିଲେ । ଏତିକିବେଳେ ଆସୁଥିବା ଏକ ଏକ୍ସପ୍ରେସ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଭୂତଳ ପୋଲ ଅବ୍ୟବସ୍ଥା ଯୋଗୁ ଜଣେ ବାଳକର ଜୀବନ ଗଲା ବୋଲି ଲୋକେ ଅଭିଯୋଗ କରିଥିଲେ।

- ଭୂତଳ ପୋଲରେ ପାଣି ଥିବାରୁ ଲେଭଲ କ୍ରସିଂ ପାର ହେଉଥିଲେ
- ଉତ୍ତେଜନା, ଡିଆରଏମଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ










# ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବିତ

**ଦେବଗଡ଼,୧୪।୯(ଡି.ଏନ.ଏ)**

ଦଳ ବିରୋଧୀ କାର୍ଯ୍ୟ ପାଇଁ ତିଲେଇବଣି ବ୍ଲକ ଲଇମୁରା ଅଞ୍ଚଳର ସକ୍ରୀୟ ବିଜେଡି କର୍ମୀ ଗଣେଶ ମହାନାୟକଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରାଯାଇଛି। ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ଦେବଗଡ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ତାଙ୍କୁ ନିଲମ୍ବିତ କରାଯାଇଥିବା ବିଶ୍ୱାଳ ପ୍ରେସ୍ ବିବୃତିରେ ଦର୍ଶାଇଛନ୍ତି।









**ବର୍ଷାରେ ଧୋଇଗଲା ରାସ୍ତା**

ଦେବଗଡ଼ (ଡି.ଏନ.ଏ): ଦେବଗଡ଼ ଜିଲାରେ ଲଘୁଚାପ ଜନିତ ବର୍ଷା ପ୍ରଭାବରେ ବିଭିନ୍ନ ସ୍ଥାନରେ ରାସ୍ତା ଓ ପୋଲ ନଷ୍ଟ ହୋଇଛି । ରିଆମାଳ ବ୍ଲକ ଚଢେଇମରା ପଞ୍ଚାୟତ ଆଉଁଳି ଗ୍ରାମ ନିକଟ ଜାମଜୁରିଆ ନାଳ ଉପରେ ଥିବା ପୋଲର ଆପ୍ରୋଚ ରୋଡ଼ ଧୋଇଯିବାରୁ ଚଢେଇମରା-ନୂଆପଡା ରାସ୍ତାରେ ଗମନାଗମନ ପ୍ରଭାବିତ ହୋଇଛି । ସେହିପରି ଝରାବେର୍ଣ୍ଣ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାକୁ ଜଣେ ବ୍ୟକ୍ତି ନିଜର ଦର୍ଶାଇ ଜବରଦଖଲ କରିଛନ୍ତି। ଫଳରେ ଗ୍ରାମବାସୀ ମୁଖ୍ୟ ରାସ୍ତାରେ ଯିବା ଆସିବା କରି ପାରୁନାହାନ୍ତି। ଅବିଶ୍ରାନ୍ତ ବର୍ଷା ଯୋଗୁ ଗ୍ରାମବାସୀ ଅନ୍ୟ ରାସ୍ତା ବ୍ୟବହାର କରି ନ ପାରି ଜଳବନ୍ଦୀ ହୋଇ ରହିଥିବା ସୂଚନା ମିଳିଛି ।

## ସଂକ୍ଷେପରେ

### ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲା ପରିବାର

**ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ**

**ରାଉରକେଲା ଅଫିସ,୧୪।୯:** ଲଘୁଚାପ ଜନିତ ଲଗାଣବର୍ଷା ଯୋଗୁ ରାଉରକେଲା ସହରରେ ୩ ଦିନ ଧରି ବର୍ଷା ଲାଗି ରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବାସନ୍ତୀ କଲୋନୀ, ସିଭିଲ ଟାଉନଶିପ୍, ଡେଲି ମାର୍କେଟ ଅଞ୍ଚଳରେ ବର୍ଷାଜଳ ପ୍ରଭାବିତ ହୋଇ ପାରୁ ନ ଥିବାରୁ ରାସ୍ତାଘାଟ ବୁଡି ରହିଛି। ଡେଲିମାର୍କେଟ ତେଲଗୁପଡ଼ା ବସ୍ତିରେ କିଛି ଲୋକଙ୍କ ଘରେ ବର୍ଷାଜଳ ପଶି ଯାଇଛି। ସହରର ରାସ୍ତା ଗୁଡ଼ିକ କାଦୁଅ ହୋଇ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ମଙ୍ଗଳବାର ସକାଳେ ଦୁର୍ଗାପୁର ସ୍ଥିତ କୁଷ୍ଠ କଲୋନୀର ହରି ବାଗଙ୍କ ଘର କାନ୍ଥ ଭୁଶୁଡି ପଡ଼ିଛି। ତେବେ ଏଥିରେ ପରିବାର ଲୋକଙ୍କ କୌଣସି କ୍ଷତି ହୋଇନାହିଁ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ପରିବାର ଲୋକଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି। ଲଘୁଚାପ ଜନିତ ବର୍ଷା ଯୋଗୁ ବ୍ରାହ୍ମଣୀ ଓ କୋଏଲ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ଫଳରେ ନଦୀକୂଳିଆ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ସହରର ମୁଖ୍ୟରାସ୍ତା ଓ ରେଲୱେ କଲୋନୀ ସହ ବିଭିନ୍ନ ସ୍ଥାନରେ ସ୍ୱରେଜ କାମ ପାଇଁ ଖୋଳାଯାଇଥିବା ରାସ୍ତାରେ ବର୍ଷା ପାଣି ପଶିଯିବାରୁ ଲୋକଙ୍କ ସମସ୍ୟା ବଢ଼ିଯାଇଛି। ଆରଏସ୍‌ପି ଅଞ୍ଚଳର ଡ୍ରେନ୍ ପାଣି ରାସ୍ତାରେ ଭାସୁଥିବା ଦେଖିବାକୁ ମିଳିଛି। ଏ ନେଇ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) କମିଶନର ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ପଚାରିବାରୁ ସେ କହିଥିଲେ, ଲଗାଣ ବର୍ଷାର ପରିସ୍ଥିତି ସାମ୍ନା କରିବା ପାଇଁ ଆମେ ସଜାଗ ରହିଛୁ। ଲଘୁଚାପ ଜନିତ ବର୍ଷା ଯୋଗୁ ବର୍ତ୍ତମାନ ସେଭଳି ବଡ଼ଧରଣର କୌଣସି ଅସୁବିଧା ହୋଇନାହିଁ। ଆଉ ଦିନକ ପରେ ପରିସ୍ଥିତି ସ୍ୱାଭାବିକ ହୋଇଯିବ ବୋଲି ସେ କହିଥିଲେ।

### ଝାରସୁଗୁଡ଼ା ଡିଏଭି ସ୍କୁଲରେ ହିନ୍ଦୀ ପଖୱାଡ଼ା ଦିବସ

**ଝାରସୁଗୁଡ଼ା ଅଫିସ,୧୪।୯:** ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ତରଫରୁ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ହିନ୍ଦୀ ପଖୱାଡ଼ା ଦିବସ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦୀ ବିଭାଗୀୟ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନ୍‌ଲାଇନରେ ଆଲୋଚନା କରାଯାଇଥିଲା। ଅଧକ୍ଷ ପଣ୍ଡା ରାଷ୍ଟ୍ରଭାଷା ହିନ୍ଦୀର ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବା ଲାଗି ଆହ୍ୱାନ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତି ଯୋଗୁ ସାମାଜିକ ଗଣମାଧମରେ ସମସ୍ତଙ୍କୁ ହିନ୍ଦୀ ପଖୱା ପାଳନର ଉଦ୍ଦେଶ୍ୟ ଓ ବାର୍ତ୍ତା ପ୍ରେରଣ କରାଯାଇଥିଲା। ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ବେଦୁଲା, ଗାୟତ୍ରୀ ଶର୍ମା, ନେହା ସିଂ, ନମିତା ପାଣ୍ଡେ ପ୍ରମୁଖ ସଂଯୋଜନା କରିଥିଲେ। ଏହି ଅବସରରେ ହିନ୍ଦୀ ଶିଶୁସାହିତ୍ୟ ଉପରେ ଏକ ୱେବିନାର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶା ଜୋନ-୨ର ଆଞ୍ଚଳିକ ଅଫିସର ଲୋକନାଥ ପ୍ରଧାନ, ଉତ୍ତରପ୍ରଦେଶ ଲକ୍ଷ୍ନୌ ଖ୍ରୀଷ୍ଟିୟାନ କଲେଜ ଅଧକ୍ଷ ଡ. ସୁରେଶ ବିକ୍ରମ, ମଧପ୍ରଦେଶ ଭୋପାଳରୁ ଶିଶୁ ସାହିତ୍ୟିକ ଡ. ପ୍ରୀତି ପ୍ରବୀଣ ଖରେ, ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟର ହିନ୍ଦୀବିଭାଗ ପ୍ରଧାପିକା ଡ. ମୀନା ସୋନି ପ୍ରମୁଖ ଯୋଗଦାନ କରିଥିଲେ।






ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ଦାବିରେ ବିଧାୟିକା କୁସୁମ ଟେଟେଙ୍କ ନେତୃତ୍ୱରେ କରାଯାଇଥିବା ବିଶାଳ ମାନବ ଶୃଙ୍ଖଳ ।

# ଏମ୍ସ ଦାବିରେ ବିଶାଳ ମାନବ ଶୃଙ୍ଖଳ

**ଲଗାଣ ବର୍ଷାରେ ବିଧାୟିକାଙ୍କ ନେତୃତ୍ୱରେ ସାମିଲ ହେଲେ ଜିଲାବାସୀ**

**ସୁନ୍ଦରଗଡ,୧୪।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ଠାରେ ଓଡ଼ିଶାର ଦ୍ୱିତୀୟ ଏମ୍ସ ଶାଖା ପ୍ରତିଷ୍ଠା ଦାବିରେ ମଙ୍ଗଳବାର ସ୍ଥାନୀୟ ବିଧାୟିକା କୁସୁମ ଟେଟେଙ୍କ ନେତୃତ୍ୱରେ ବିଶାଳ ମାନବ ଶୃଙ୍ଖଳ ଅନୁଷ୍ଠିତ ହୋଇଥିଲା । ଲଗାଣ ବର୍ଷା ସତ୍ତ୍ୱେ ଏହି ମାନବ ଶୃଙ୍ଖଳରେ ୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇ ଏହି ଦାବି ପ୍ରତି ସମର୍ଥନ ଜଣାଇଥିଲେ । ପୂର୍ବାହ୍ନରେ ରାଉରକେଲାଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ । ପରେ ଜିଲାର ୧୭ଟି ବ୍ଲକ ଓ ୩ଟି ପୌରାଞ୍ଚଳରେ ମନ୍ତ୍ରୀମାନଙ୍କ ଦ୍ୱାରା ଏହି ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଉଥିବା ବେଳେ ଏପଟେ ଜିଲା ସଦର ମହକୁମା ସୁନ୍ଦରଗଡରେ ବିଧାୟିକା କୁସୁମଙ୍କ ନେତୃତ୍ୱରେ ଏମ୍ସ ପ୍ରତିଷ୍ଠା ଦାବି ନେଇ ଏହି ବିଶାଳ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ ହୋଇଥିଲା । ବିଧାୟିକା କୁସୁମ, ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଏମ୍ସ ପ୍ରତିଷ୍ଠା ଦାବି ନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖନ୍ତୁ ବୋଲି ଲେଖାଥିବା ପ୍ଲା କାର୍ଡ ହାତରେ ଧରି ମାନବ ଶୃଙ୍ଖଳରେ ସାମିଲ ହୋଇଥିଲେ । ଡିଆରଡିଏ ଛକ ଠାରୁ ଏନଟିପିସି ମେଡିକାଲ କଲେଜ ପର୍ଯ୍ୟନ୍ତ ୪ କି.ମି. ବ୍ୟାପୀ ମାନବ ଶୃଙ୍ଖଳ ହୋଇଥିଲା । ଜନସାଧାରଣ ଲମ୍ୱାଧାଡିରେ ପ୍ଲା କାର୍ଡ ଓ ବ୍ୟାନର ଧରି ଛିଡା ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ଜିଲା ସଂପାଦକ ଯଶୋବନ୍ତ ନାଏକ, ଏମ୍‌ପିଙ୍କ ପ୍ରତିନିଧି ବଟକିଶୋର ମିଶ୍ର, ଭାଜପା ଜିଲା ମହିଳା ସଭାନେତ୍ରୀ ଶାନ୍ତିଲତା ସରାଫ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ, ସୁରେନ୍ଦ୍ର ସ୍ୱର୍ଣ୍ଣକାର ,ଭେଷଜ ରଥ, ନାରୀନେତ୍ରୀ କାନନବାଳା ବେହେରା, ଅଞ୍ଜନା ପଟେଲ, ହିମାନୀ ପାଢୀ, ଲତିକା ପଟ୍ଟନାୟକ, ଜିଲା ଯୁବମୋର୍ଚ୍ଚା ସଭାପତି ଅମିୟ ପଟ୍ଟନାୟକଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ସାମିଲ ଥିଲେ । ଏହି ଅବସରରେ ସ୍ମାର୍ଟ ହେଲଥ କାର୍ଡ ବାଣ୍ଟିବାକୁ ସୁନ୍ଦରଗଡ ଆସିଥିବା ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ରତନପୁର ଓ ମହୁଲପାଲିଠାରେ ଭାଜପା କର୍ମୀମାନେ ଏମ୍ସ ପ୍ରତିଷ୍ଠା ଦାବି ନେଇ ଦାବିପତ୍ର ପ୍ରଦାନ କରିଥିଲେ ।

ସୂଚନାଯୋଗ୍ୟ, ରାଜ୍ୟ ସରକାର ସୁନ୍ଦରଗଡଠାରେ ରାଜ୍ୟର ଦ୍ୱିତୀୟ ଏମସ୍ ଶାଖା ଖୋଲିବା ନେଇ କେନ୍ଦ୍ରକୁ ଚିଠି ଲେଖିବା ପରେ ପଶ୍ଚିମ ଓଡିଶାରେ ଏନେଇ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇ ଆସୁଛି ।

## ଭାଜପା, କଂଗ୍ରେସ କର୍ମୀ ଗିରଫ

**ରାଉରକେଲା ଅଫିସ,୧୪।୯**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଡ କାର୍ଡ଼ ବଣ୍ଟନ ଓ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ମଙ୍ଗଳବାର ରାଉରକେଲା ଗସ୍ତ କରିଥିଲେ। ତେବେ ତାଙ୍କ ରାଉରକେଲା ଗସ୍ତକୁ ଭାଜପା ବିରୋଧ କରିଛି। ମୁଖ୍ୟମନ୍ତ୍ରୀଙ୍କୁ ଦିନ ୧୧ଟାରେ ରାଉରକେଲା ଏୟାରଷ୍ଟ୍ରିପରୁ ଇସ୍ପାତ ଜେନେରାଲ ହସ୍ପିଟାଲ ସ୍ଥିତ ଅଡିଟୋରିୟମ ସଭାସ୍ଥଳକୁ ନିଆଯିବା ବେଳେ ରାଉରକେଲା ରିଂରୋଡ୍‌ର ସାତ ସତର ଛକରେ ଭାଜପା କର୍ମୀମାନେ ବିରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ ଜନସାଧାରଣଙ୍କ ପାଇଁ ଧୂଆଁବାଣ। କେନ୍ଦ୍ର ସରକାରଙ୍କ ଆୟୁଷ ଯୋଜନାରେ କିଭଳି ଲୋକଙ୍କୁ ସାମିଲ କରାଯିବ ସେ ନେଇ ରାଜ୍ୟ ସରକାର କୌଣସି ତତ୍ପରତା ନ ଦେଖାଇ ବିଜୁବାବୁଙ୍କ ନାମରେ ଯୋଜନା ଉପରେ ଯୋଜନା କରି ଲୋକଙ୍କୁ ଭୂଆଁ ବୁଲାଉଥିବା ଦଳର ବରିଷ୍ଠ ନେତା ଜଗବନ୍ଧୁ ବେହେରା କହିଛନ୍ତି। ବିରୋଧ ପ୍ରଦର୍ଶନ ସମୟରେ ପୋଲିସ ଭାଜପାର ନିହାର ରାୟ, ଲତିକା ପଟ୍ଟନାୟକ, ଧୀରେନ ସେନାପତି, ବିନ୍ଦର ସିଂ, ଗୋଲକ ବିହାରୀ ସାମଲ, ନବ ରାଉତଙ୍କ ସମେତ ବହୁ କର୍ମକର୍ତ୍ତାଙ୍କୁ ଗିରଫ କରିଥିଲା । ସେହିପରି ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତକୁ ଛାତ୍ର କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ବିଜୁ ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନକୁ ନେଇ ବିଜେଡ଼ି କେବଳ ଭୋଟ୍ ବ୍ୟାଙ୍କିଂ କରୁଥିବା ଦଳର ଯୁବ କର୍ମୀମାନେ କହିଛନ୍ତି। ବିରୋଧ ବେଳେ ପୋଲିସ ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ପ୍ରବୋଧ ଦାସ, ସୂର୍ଯ୍ୟକାନ୍ତ ବାରିକ, ଶିବୁ ଦିପ, ପ୍ରସନ୍ନ ବଳିଆରସିଂହ, ବାସୁ ବାନାର୍ଜୀ, ବିଜୟ ଶଙ୍କର ପୁରୋହିତ, ଇଜାଜ ଅକ୍ତର, ସଞ୍ଜୟ ରାଉତ ପ୍ରମୁଖ କର୍ମକର୍ତ୍ତାଙ୍କୁ ଗିରଫ କରିଛି ।



କଂଗ୍ରେସ କର୍ମୀଙ୍କୁ ପୋଲିସ ଉଠାଇ ନେଉଛି ।




ଭାଜପା କର୍ମକର୍ତ୍ତା ବିରୋଧ ପ୍ରଦର୍ଶନ କରୁଛନ୍ତି।

### ମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ରାଉରକେଲା ଓକିଲ ସଂଘ

**ରାଉରକେଲା ଅଫିସ,୧୪।୯**

ରାଉରକେଲା ହାଉସଠାରେ ସ୍ଥାନୀୟ ଓକିଲ ସଂଘ ବିଭିନ୍ନ ବିଭାଗର ମନ୍ତ୍ରୀଙ୍କୁ ଭେଟି ସହରର ଖାଉଟି ବଜାରରେ ଖାଉଟି ଅଦାଲତ ନ ଥିବା ଓ ଡିଷ୍ଟ୍ରିକ୍ଟ କଞ୍ଜୁମର ଡିସ୍‌ପୁଟ ରିଡ୍ରେସଲ କମିଶନ୍‌ର ସଭାପତି ପଦ ପୂରଣ କରିବା ପାଇଁ ଆଲୋଚନା କରିଛି। ରାଉରକେଲା କଞ୍ଜୁମର କମିଶନରେ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ମାମଲା ପଡ଼ି ରହିଛି। ଏହାର ସଦସ୍ୟ ଓ ସଭାପତି ପଦ ଖାଲି ପଡିଥିବାରୁ ଦୀର୍ଘ ୬ ମାସ ଧରି ଆଉ କୌଣସି ନୂଆ ମାମଲା ପଞ୍ଜୀକରଣ ହୋଇପାରୁନି। ରାଉରକେଲା ଭଳି ଏକ ବିରାଟ ବଜାରରେ ଖାଉଟି ଅଦାଲତ ନ ଚାଲିବାରୁ ବିଭିନ୍ନ ସମସ୍ୟା ଉପୁଜୁଛି। ସଂଘ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରିନାହିଁ। ଯଦିଓ ସରକାର ଉକ୍ତ ପଦବୀ ପୂରଣ ପାଇଁ ନୋଟିସ ଜାରି କରିଛନ୍ତି ତାହା ପୂରଣ ହେବା ପାଇଁ ସମୟ ଲାଗିବ । ତେଣୁ ନୂଆ ପଦବୀ ପୂରଣ କରି ଖାଉଟି ଅଦାଲତ ଚଳାଇବାକୁ ସଂଘ ଦାବି ହୋଇଛି। ସେହିପରି ସବ୍‌ରେଜିଷ୍ଟ୍ରାର କମ୍ ମ୍ୟାରେଜ ଅଫିସର ପଦବୀ ତୁରନ୍ତ ପୂରଣ କରିବା ପାଇଁ ସଂଘ ପକ୍ଷରୁ କୁହାଯାଇଛି। ଏନେଇ ରାଉରକେଲା ଗସ୍ତରେ ଥିବା ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ରାଉରକେଲା ଓକିଲ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ସୁନ୍ଦରଗଡ଼ ଜିଲା ଗସ୍ତ

### ବ୍ଲକ, ପୌରାଞ୍ଚଳରେ ସ୍ୱାସ୍ଥ୍ୟ କାର୍ଡ ବାଣ୍ଟିଲେ ମନ୍ତ୍ରୀ

**ସୁନ୍ଦରଗଡ଼,୧୪।୯(ଡି.ଏନ.ଏ.)**

ରାଉରକେଲାଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଅନୁରୂପ ଭାବେ ଜିଲାର ୧୭ବ୍ଲକରେ ୧୩ରୁ ଅଧିକ ମନ୍ତ୍ରୀ, ବିଧାୟକ ଓ ନିଗମ ଅଧ୍ୟକ୍ଷ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଆରମ୍ଭ କରିଥିଲେ। ସୁନ୍ଦରଗଡ଼ରେ ରାଜ୍ୟ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ପଣ୍ଡା ଓ ଓଟିଡିସି ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ହେଲ୍‌ଥ କାର୍ଡ ବଣ୍ଟନ କରିଛନ୍ତି। ସେହିପରି ବାଲିଶଙ୍କରା ବ୍ଲକରେ ଉଚ୍ଚ ଶିକ୍ଷା ଓ କୃଷି ମନ୍ତ୍ରୀ ଅରୁଣ ସାହୁ ଓ ପୁଷ୍ପେନ୍ଦ୍ର ସିଂଦେଓ, ବଣାଇରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ଖାଦ୍ୟ ନିଗମ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ, ଲହୁଣୀପଡାରେ ଶିଳ୍ପ, ଶକ୍ତି ଓ ଗୃହ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ଅମରେନ୍ଦ୍ର ଦାସ, ସବଡେଗାରେ ଆଦିବାସୀ ଜନଜାତି ଓ ଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା, ଟାଙ୍ଗରପାଲିରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ସତ୍ୟବ୍ରତ ତ୍ରିପାଠୀ, ବଡଗାଁରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଓ ପ୍ରଭାତ ଆଦିତ୍ୟ ମିଶ୍ର ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। କୁତ୍ରା ବ୍ଲକରେ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଦେବାଶିଷ ମହାନ୍ତି, ଲାଠିକଟାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ରାମଚନ୍ଦ୍ର ପଣ୍ଡା, ସୁନ୍ଦରଗଡ଼ ପୌରପାଳିକାରେ ହସ୍ତତନ୍ତ୍ର ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଓ ଦେବାଶିଷ ମଲ୍ଲିକ, ହେମଗିରରେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ବିଜେଡି ରାଜ୍ୟ ମୁଖପାତ୍ର ସୁଲତା ଦେଓ ଏବଂ କୁଆଁରମୁଣ୍ଡାରେ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ହେଲଥ୍ କାର୍ଡ ବଣ୍ଟନ କରିଛନ୍ତି। ସେହିପରି ଅନ୍ୟ ବ୍ଲକରେ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଓ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଛନ୍ତି।

## ଉପକୃତ ହେବେ ୪,୩୭, ୩୩୩ ହିତାଧିକାରୀ

**ସୁନ୍ଦରଗଡ଼,୧୪।୯(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲାର ମୋଟ ୪ଲକ୍ଷ ୩୭ ହଜାର ୩୩୩ ରାଶନ କାର୍ଡଧାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ବଣ୍ଟନ କରାଯିବ। ଏହି କାର୍ଡରୁ ଜିଲାର ମୋଟ ୧୫ ଲକ୍ଷ ୯ ହଜାର ୬୩୧ ଲୋକ ମାଗଣା ସ୍ୱାସ୍ଥ୍ୟସେବା ପାଇପାରିବେ। ସେଥିମଧ୍ୟରୁ ରାଉରକେଲାରେ ମୋଟ ୬୮ହଜାର ୫୭୫ ରାଶନ କାର୍ଡଧାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ମିଳିବ। ଏହାଦ୍ୱାରା ୨ଲକ୍ଷ ୨୩ହଜାର ୪୧୮ଜଣ ଉପକୃତ ହେବ। ଏହି କ୍ରମରେ ସୁନ୍ଦରଗଡ଼ ପୌରପାଳିକାରେ ୫,୪୦୭, ରାଜଗାଙ୍ଗପୁର ପୌରପାଳିକାରେ ୮,୭୯୧, ବୀରମିତ୍ରପୁର ପୌରପାଳିକାରେ ୬,୫୧୪ ଜଣଙ୍କୁ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ମିଳିବ। ସେହିପରି ବାଲିଶଙ୍କରା ବ୍ଲକରେ ୨୩, ୧୪୯, ବଡ଼ଗାଁ ୧୮,୨୪୦, ବିଶ୍ରା ୧୬,୭୦୫, ବଣାଇ ୧୫,୯୮୯, ଗୁରୁଣ୍ଡିଆ ୧୭,୩୬, ହେମଗିରି ୨୧,୫୯୮, କୋଇଡ଼ା ୧୮,୭୯୦, କୁଆଁରମୁଣ୍ଡା ୨୪,୬୫୮, କୁତ୍ରାରେ ୧୯,୫୭୬ଜଣଙ୍କୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରାଯିବ। ଅନୁରୂପ ଭାବେ ଲହୁଣୀପଡ଼ା ବ୍ଲକରେ ୨୩,୪୭୩, ଲାଠିକଟା ୨୬,୩୩୭୮, ଲେଫ୍ରିପଡ଼ା ୨୦,୪୬୪, ନୂଆଗାଁ ୨୬,୩୩୭, ରାଜଗାଙ୍ଗପୁର ୨୪,୭୦, ସବଡେଗା ୧୬,୪୮୫, ସୁନ୍ଦରଗଡ଼ ସଦର ବ୍ଲକ ୧୭,୭୫୦, ଟାଙ୍ଗରପାଲି ବ୍ଲକରେ୧୭,୩୮୯ ରାଶନ କାର୍ଡଧାରୀଙ୍କୁ ଏହି ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯିବ ବୋଲି କୁହାଯାଇଛି।

## ସିଆଳଯୋର ଓ ବିରତୋଲା ଅଞ୍ଚଳରେ ହାତୀ ଆତଙ୍କ

**କୁତ୍ରା,୧୪।୯(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡଗାଁ ବନାଞ୍ଚଳ ଅନ୍ତର୍ଗତ କୁତ୍ରା ଅଞ୍ଚଳରେ ପୁଣି ଥରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ପ୍ରତ୍ୟେକ ଦିନ ସନ୍ଧ୍ୟା ହେବା କ୍ଷଣି ବଡ଼ଗାଁ ବ୍ଲକର ମହାବୀର ପାହାଡରୁ ହାତୀପଲ ସିଆଳଯୋର ଗ୍ରାମକୁ ପଶି ଆସି ଧାନ ଫସଲ ଖାଇବା ସହ ଦଳି ମକଚି ନଷ୍ଟ କରି ଦେଉଛନ୍ତି। ଏହି ହାତୀ ପଲରେ ୨୨ଟି ହାତୀ ରହିଛନ୍ତି। ସ୍ଥାନୀୟ ଜନସାଧାରଣ ରାତି ଅନିଦ୍ରା ହୋଇ ହାତୀ ଘଉଡାଇବା ପାଇଁ ଉଦ୍ୟମ କରୁଥିଲେ ହେଁ ହାତୀପଲ ଯିବାର ନା ଧରୁନାହାନ୍ତି। ସେହିପରି ବିରତୋଲା ଗ୍ରାମରେ ୧୯ଟି ହାତୀ ପଶି ଫସଲ ନଷ୍ଟ କରୁଛନ୍ତି। ଗ୍ରାମବାସୀ ରାତି ଅନିଦ୍ରା ହୋଇ ହାତୀ ଘଉଡାଉ ଥିଲେ ମଧ୍ୟ ହାତୀ ପଲ ଯାଉନାହାନ୍ତି। ଅନ୍ୟପକ୍ଷରେ ବନବିଭାଗ କର୍ମଚାରୀ ସବୁ ଜାଣି ସୁଦ୍ଧା ନୀରବଦ୍ରଷ୍ଟା ସାଜିଛନ୍ତି । ଫଳରେ ଉଭୟ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବିହିତ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।



ହାତୀ ପଲ ଦ୍ୱାରା ନଷ୍ଟ ହୋଇଥିବା ଧାନ ଫସଲ।

### ଦୁର୍ଘଟଣାରେ ଠିକା ଶ୍ରମିକ ମୃତ

**ରାଉରକେଲା ଅଫିସ, ୧୪।୯**

ରାଉରକେଲା ଇସ୍ପାତ କାରଖାନାରେ ମଙ୍ଗଳବାର ଦୁର୍ଘଟଣାରେ ଜଣେ ଠିକା ଶ୍ରମିକଙ୍କ ଜୀବନ ଯାଇଛି। ମୃତକ ହେଲେ ରାଉରକେଲାର ଦୀପକ ମିଞ୍ଜ (୪୦)। ସେ ବେଉରିଆ ଏଣ୍ଟରପ୍ରାଇଜେସ ଅଧୀନରେ ସିଣ୍ଟର ପ୍ଲାଣ୍ଟ-୧ରେ କାମ କରୁଥିଲେ। ପ୍ରତିଦିନ ପରି ମଙ୍ଗଳବାର ସେ 'ବି' ସିଫ୍ଟ ଡ୍ୟୁଟି କରୁଥିଲେ। ରାତି ପ୍ରାୟ ସାଢେ ୭ଟାରେ ଦୀପକ ସିଣ୍ଟର ପ୍ଲାଣ୍ଟ-୧ର ବନ୍ଦ ଥିବା କନଭେୟର ବେଲ୍ଟ ସଫା କରୁଥିଲେ। ହଠାତ୍ କେହି ସୁଇଚ୍ ଅନ୍ କରିଦେବାରୁ କନଭେୟର ବେଲ୍ଟ ଭିତରେ ପଶି ଦୀପକ ଚାପି ହୋଇ ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଆର୍‌ଏସ୍‌ପି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆର୍‌ଏସ୍‌ପିରେ ଏଭଳି ଘଟଣାର ପୁନରାବୃତ୍ତି ହେଉଥିବାରୁ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଗାଙ୍ଗପୁର ମଜଦୁର ମଞ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସଙ୍କ ସମେତ ଅନ୍ୟାମନେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୃତ ଠିକା ଶ୍ରମିକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

## ଦେବଗଡ଼ରେ ଗଣେଶ ଭସାଣି ଉତ୍ସବ

**ଦେବଗଡ଼,୧୪।୯(ଡି.ଏନ.ଏ)**

ଦେବଗଡ଼ରେ ଗଣେଶଙ୍କ ଭସାଣି ଉତ୍ସବ ନିରାଡମ୍ବର ଭାବେ ଶେଷ ହୋଇଛି। ସରକାରଙ୍କ କୋଭିଡ କଟକଣା ଯୋଗୁ ମୁଖ୍ୟବଜାର ସ୍ଥିତ ପୂଜା ମଣ୍ଡପରୁ ଗଣେଶଙ୍କ ପ୍ରତିମୂର୍ତ୍ତିକୁ ନିରାଡମ୍ବର ଶୋଭାଯାତ୍ରାରେ ନିକଟସ୍ଥ ଭାରତୀୟ ଷ୍ଟେଟ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରୁ ପୁରୁଣାଗଡ ବାଳିଆପିଟା ନାଳକୁ ନେଇ ପୂଜାର୍ଚ୍ଚନା ପରେ ମହାପ୍ରଭୁଙ୍କୁ ବିସର୍ଜନ କରାଯାଇଥିଲା । ଏହି ଶୋଭାଯାତ୍ରାରେ ଆୟୋଜକ ଗଣେଶ ମେଳା କମିଟି ସଭାପତି ଶମ୍ଭୂନାଥ ଗୋଏଲ, ସମ୍ପାଦକ ଶୁକଦେବ ଭଞ୍ଜ, ଉପସଭାପତି ଅରୁଣ କୁମାର ଗୋଏଲ, ସୁଶୀଲ କୁମାର ଭୋଇ, ଯୁଗ୍ମ ସମ୍ପାଦକ ପତିତପାବନ ସାହୁ ଓ ସୁବାସ କୁମାର ପୃଷ୍ଟି, କୋଷାଧ୍ୟକ୍ଷ ଅଜୟ କୁମାର ମିଶ୍ର, ତ୍ରିବିକ୍ରମ ଶତପଥି, ଆଇନ ପରାମର୍ଶଦାତା ଆଲୋକ ସୌରଭ ପ୍ରଧାନ, ନେତ୍ରାନନ୍ଦ ସାହୁଙ୍କ ସମେତ କମିଟିର ବହୁ ସଦସ୍ୟ, ବ୍ୟବସାୟୀ ଏବଂ ଜନସାଧାରଣ ଅଂଶଗ୍ରହଣ କରିଥିଲେ।




ଦେବଗଡ଼ରେ ନିରାଡମ୍ବର ଗଣେଶ ଭସାଣି ଉତ୍ସବ ଚାଲିଛି।

**ନିରାଡ଼ମ୍ବର ଭାବେ ପାଳିତ ହେଲା**

ସୂଚନାଯୋଗ୍ୟ, ଦେବଗଡ ସହରରେ ପ୍ରତିବର୍ଷ ଗଣେଶ ମେଳା ଆୟୋଜିତ ହୋଇଥାଏ। ଏହି ମେଳା ପ୍ରାୟ ୧୦ ଦିନ ଯାଏ ପାଳିତ ହୋଇଥାଏ। ମାତ୍ର ଚଳିତ ବର୍ଷ କୋଭିଡ କଟକଣା ଯୋଗୁ ଏଠାରେ ଗଣେଶ ପୂଜା ଫିକା ପଡିଛି। କେବଳ ବିଧିରକ୍ଷା ପୂର୍ବକ ମାତ୍ର ୪ଦିନ ଧରି ପୂଜନୋତ୍ସବ ପାଳିତ ହୋଇଥିଲା। ମେଳା କମିଟି ସଭାପତି ଶମ୍ଭୂନାଥ ଗୋଏଲ କର୍ତ୍ତା ଦାୟିତ୍ୱ ଏବଂ ମନୋରଞ୍ଜନ ଶତପଥି ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜାକାର୍ଯ୍ୟରେ ଫକୀର ମୋହନ ଆଚାର୍ଯ୍ୟ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୫ ସେପ୍ଟେମ୍ବର, ୨୦୨୧

## ଘରେ ପଶୁଛି ବର୍ଷା ପାଣି

ଜୁନାଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କେନ୍ଦୁପାଟି ପଞ୍ଚାୟତ କନ୍ଧବ୍ରାହ୍ମଣୀଗୁଡା ଗ୍ରାମରେ ଡ୍ରେନ ବ୍ୟବସ୍ଥା ଫେଲ ମାରିଛି। ଦୀର୍ଘ ବର୍ଷ ହେବ ଡ୍ରେନ ସଫା ହୋଇ ନ ଥିବାରୁ ତାହ ପୋତି ହୋଇଯାଇଛି। ଫଳରେ ସାମାନ୍ୟ ବର୍ଷାରେ ଡ୍ରେନ୍ ପାଣି ଘରେ ପଶୁଥିବା ଦେଖିବାକୁ ମିଳିଛି। ସେହିପରି ନୂତନ ଡ୍ରେନ ମଧ ଆଜି ଯାଏଁ କରାଯାଇନାହିଁ। ବର୍ଷାରେ ଗ୍ରାମର ଟ୍ରାନ୍ସଫର୍ମର ଛକ, ପଡାରେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା। ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ ତଥା ଗାଁ କଲ୍ୟାଣ ସମିତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



**ସଂକ୍ଷେପରେ**

## ଜଙ୍ଗଲରୁ ମିଳିଲା ବୃଦ୍ଧଙ୍କ ମୃତଦେହ

### ୩ଦିନ ହେଲା ନିଖୋଜ ଥିଲେ

ଅମରପାଲି,୧୪।୯(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ରେଡମ ଗ୍ରାମ ନିକଟ ଜଙ୍ଗଲରୁ ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଉଲୁଣ୍ଡା ବ୍ଲକ ଯାଲୋଏ ପଞ୍ଚାୟତ ସହରାପାଲି ଗ୍ରାମର କୁଞ୍ଜବନ ମେହେର(୬୦)। ମୃତକ ୩ରୁ ୪ଦିନ ହେଲା ନିଖୋଜ ଥିଲେ। ସେ ମାନସିକ ବିକୃତ ବିକାରଗ୍ରସ୍ତ ଥିବା କୁହାଯାଉଛି। ମଙ୍ଗଳବାର ରେଡମ ଗ୍ରାମର କେତେକ ଲୋକ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ବୀରମହାରାଜପୁର ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଚିହ୍ନଟ କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରି ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ଥାନାରେ ଅପମୃତ୍ୟୁ ମାମଲା (ନଂ ୧୨/୨୧) ରୁଜୁ ହୋଇଛି।

## ଚାଷୀନେତାଙ୍କ ପରଲୋକ

ବରଗଡ଼ ଅଫିସ୍,୧୪।୯: ବରଗଡ଼ ଜିଲାର ଚାଷୀନେତା ଲକ୍ଷ୍ମଣ ପ୍ରଧାନଙ୍କ ମଙ୍ଗଳବାର ଭୋର୍‌ରୁ ଗୋବିନ୍ଦପାଲିସ୍ଥିତ ବାସଭବନରେ



ପରଲୋକ ହୋଇଛି। ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ପ୍ରଧାନ ବରଗଡ଼ ଜିଲାର ଚାଷୀ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରି ଆସୁଥିଲେ। ସମାଜବାଦୀ ନେତା ସ୍ୱର୍ଗତ କିଶନ ପଟ୍ଟନାୟକଙ୍କ ସହଯୋଗୀ ଥିବା ସ୍ୱର୍ଗତ ପ୍ରଧାନ ପଶ୍ଚିମ ଓଡ଼ିଶାର ବିଭିନ୍ନ ଚାଷୀ ଆନ୍ଦୋଳନରେ ଭାଗ ନେଇଥିଲେ। ସେ ପୂର୍ବରୁ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ବରଗଡ଼ ଜିଲା ସଭାପତି ଥିଲେ ଏବଂ ବିଭିନ୍ନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ସହିତ ମଧ୍ୟ ଜଡ଼ିତ ରହିଥିଲେ। ତାଙ୍କ ପରଲୋକରେ ଜିଲାବ୍ୟାପୀ ଗଭୀର ଶୋକ ପ୍ରକାଶ ପାଇଛି। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ଚାଷୀନେତା ଗୌରଚନ୍ଦ୍ର ଖମାରୀ, ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଦେବତା, ଚାଷୀନେତା ଏକାଦଶିଆ ସାହୁ, ସୁରେଶ୍ଚ ନେକାଣ୍ଟି, ଆମ୍ ଆଦ୍‌ମୀ ପାର୍ଟିର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ରମେଶ ପତିଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ସ୍ୱର୍ଗତ ପ୍ରଧାନଙ୍କ ଶେଷ ଦର୍ଶନ କରିଥିଲେ। ଗୋବିନ୍ଦପାଲି ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଜ୍ୟେଷ୍ଠପୁତ୍ର ସୁଦାମ ମୁଖାଗ୍ନି ଦେଇଥିଲେ ।

## ପ୍ରାକ୍ ଶିକ୍ଷା ତାଲିମ ସାର୍ଟିଫିକେଟ ବଣ୍ଟନ କାର୍ଯ୍ୟକ୍ରମ

ଗୋଲାମୁଣ୍ଡା,୧୪।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କଲେଜରୋଡ ନିକଟସ୍ଥ ସିଏସସି ଏକାଡେମୀଠାରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅଧୀନ ଆରପିଏଲ ତାଲିମ ନେଇ ସଫଳ ୪୪ଜଣ ଯୁବତୀ ଓ ଯୁବକଙ୍କ ପ୍ରାକ ଶିକ୍ଷା ତାଲିମ ସାର୍ଟିଫିକେଟ୍ ବଣ୍ଟନ କରାଯାଇଛି। ଗୋଲାମୁଣ୍ଡା ବିଡିଓ ସ୍ନିଗ୍ଧାରାଣୀ ପ୍ରଧାନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ସାର୍ଟିଫିକେଟ ବଣ୍ଟନ କରିଥିଲେ। ସର୍ବମଙ୍ଗଳା ଯୁକ୍ତ ୨ କଲେଜ ଅଧକ୍ଷ ଜୟନ୍ତ କୁମାର ଜେନା, ଅଧାପକ ସରୋଜ କୁମାର ରଥ, ଶାନ୍ତନୁ କୁମାର ପରିଡା ଓ ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏକାଡେମୀ ନିର୍ଦ୍ଦେଶିକା ପ୍ରିୟଦର୍ଶିନୀ ଇଲୋରୀକା ତାଲିମ ପରିଚାଳନା କରିଥିଲେ।



ଜିଲାପାଳ ଚଞ୍ଚଳ ରାଣା ତୁଲସୀନଗର ଅଞ୍ଚଳ ପରିଦର୍ଶନ କରୁଛନ୍ତି। (ଫଟୋ: ସନିଲ)




ବିଧାୟକ ନରସିଂହ ମିଶ୍ର ଜଳ ପ୍ଲାବିତ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

# ଲଗାଣ ବର୍ଷାରେ ଅସମ୍ଭାଳ

## ବଲାଙ୍ଗୀର ସହର ଜଳମୟ

ବଲାଙ୍ଗୀର ଅଫିସ, ୧୪।୯

- ଆକାଶ ମାର୍ଗରୁ ସର୍ଭେ କରି ମାଷ୍ଟର ପ୍ଲାନ୍ ତିଆରି କର: ନରସିଂହ
- ଲୋକଙ୍କ ଦୁଃଖ ବୁଲି ଦେଖିଲେ ରାଜନେତା, ପ୍ରଶାସକ
- ଅଧାରାତିରେ ଲକ୍ଷ୍ମୀଜୋର ଗେଟ୍ ଖୋଲାଗଲା
- ପାଟଣାଗଡରେ ସର୍ବାଧିକ ୩୭୨ ମିମି, ବଲାଙ୍ଗୀରରେ ୨୪୦ ମି.ମି.

ଲଗାଣ ବର୍ଷାରେ ବଲାଙ୍ଗୀର ସହର ଜଳମଗ୍ନ ହୋଇଯାଇଥିଲା। ସୋମବାର ରାତିରେ ପ୍ରବଳ ବର୍ଷା ଯୋଗୁଁ ସହରର ପ୍ରାୟ ସମସ୍ତ ତଳି ଅଞ୍ଚଳ ସହ ଲକ୍ଷ୍ମୀଯୋର ଖଣ୍ଡି ଅଞ୍ଚଳର ଲୋକଙ୍କ ଘରେ ବର୍ଷାପାଣି ପଶିଯାଇଥିଲା। ଲୋକେ ରାତି ଅଧରେ ଜଳବନ୍ଦୀ ହୋଇଯାଇଥିଲେ। ପରିସ୍ଥିତି ଅନୁଧାନ ପାଇଁ ରାତି ସାଢ଼େ ୧୦ଟାରୁ ଜିଲାପାଳ ଚଞ୍ଚଳ ରାଣା, ଏସପି ନୀତିନ କୁଶଲକର, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ସିଂ, ଉପଜିଲାପାଳ ଲମ୍ବୋଦର ଧରୁଆ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ତହସିଲଦାର ମଘବନ ବାଗ, ଜିଲା ଯୋଗାଣ ଅଧିକାରୀ ବିକ୍ରମ ମାଝି ସହର ଜଳ ପ୍ଲାବିତ ଅଞ୍ଚଳ ବୁଲିଥିଲେ। ରାତିରେ ଲକ୍ଷ୍ମୀଯୋରର ବିଭିନ୍ନ ସ୍ଲୁଇସ୍ ଗେଟ୍ ଖୋଲାଯାଇଥିଲା। ଜଳସ୍ତର ବୃଦ୍ଧି ଫଳରେ ଜୋରଖଣ୍ଡିରେ ରହୁଥିବା ଲୋକଙ୍କ ଘରେ ପାଣି ପଶିଯାଇଥିଲା। ସହରର ତୁଳସୀନଗର, ମନୋହରପୁର, ରାଜୀବନଗର, ସାଲେପାଲି, ମାଳପଡା, ଉଦୟନଗର, ମହାଲକ୍ଷ୍ମୀନଗର, ଗାନ୍ଧୀନଗର, ସତ୍ୟନାରାୟଣପଡା, ବରପାଲିପଡା, କନ୍ଧପାଲିପଡା, ହାତୀଶାଳପଡା ପ୍ରତାପସାଗରପଡା, ରୁଗୁଡିପଡା, ସାଗରପଡା, ଶାନ୍ତିପଡାର ତଳି ଅଞ୍ଚଳରେ ବିଭିନ୍ନ ଲୋକଙ୍କ ଘରକୁ ପାଣି ପଶିଯାଇଥିଲା। ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଭିତରକୁ ବର୍ଷା ପାଣି ପଶିଥିଲା। ସର୍ଜରୀ ୱାର୍ଡରେ ବର୍ଷା ପାଣି ପଶିଯିବାରୁ ରୋଗୀ ଓ ପରିଜନ ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ।

ତୁଳସୀନଗରଠାରେ ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନଥିବାରୁ ଲୋକେ ଜଳବନ୍ଦୀ ହୋଇ ରହି ଯାଇଥିଲେ। ଆୟୁର୍ବେଦିକ କଲେଜ ରାସ୍ତାରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଥିଲା। ଏହି ସ୍ଥାନକୁ ମଙ୍ଗଳବାର ଜିଲାପାଳ ଚଞ୍ଚଳ ରାଣା ଓ ପ୍ରଶାସନିକ ଅଧିକାରୀମାନେ ପରିଦର୍ଶନ କରିଥଲେ। ବର୍ଷାପାଣି ନିଷ୍କାସନ ପାଇଁ ଆୟୁର୍ବେଦିକ କଲେଜ ପାଚେରୀକୁ ରାତିରେ ଲୋକେ କଣା କରିଥିଲେ। ଜେସିବି ଆଣି ପାଚେରୀ ଭାଙ୍ଗିବାକୁ ଉଦ୍ୟମ କରାଯାଇଥିବାବେଳେ କଲେଜ କର୍ତ୍ତୃପକ୍ଷ ଏହାକୁ ବିରୋଧ କରିଥିଲେ। ଡ୍ରେନ୍ କାମ ସୂଚାରୁରୂପେ ହୋଇ ନ ଥିବାରୁ ଏଠାରେ ବର୍ଷାଦିନେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଥିବା ଲୋକେ ଅଭିଯୋଗ କରିଥିଲେ। ମଙ୍ଗଳବାର ସକାଳୁ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଜଳପ୍ଲାବିତ୍ ଅଞ୍ଚଳ ପରିଦର୍ଶନ କରିବା ସହ ଗରିବ ଅସହାୟଙ୍କୁ ତୁରନ୍ତ ରିଲିଫ ଯୋଗାଇ ଦେବାକୁ ଜିଲା ପ୍ରଶାସନକୁ କହିଥିଲେ। ବଲାଙ୍ଗୀର ସହରାଞ୍ଚଳରେ ବାରମ୍ବାର ବନ୍ୟା ପରିସ୍ଥିତି ଦେଖାଯାଉଥିବାରୁ ଏହାର ସ୍ଥାୟୀ ସମାଧାନ ପାଇଁ ମିଶ୍ର ସରକାରଙ୍କୁ ସ୍ୱତନ୍ତ୍ର ପ୍ୟାକେଜ ଦାବି କରିଥିଲେ। ଆକାଶ ମାର୍ଗରୁ ସର୍ଭେ କରି ସହରର ଡ୍ରେନେଜ୍ ବ୍ୟବସ୍ଥାର ମାଷ୍ଟରପ୍ଲାନ୍ କରି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସେ କହିଥିଲେ। ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଜଳପ୍ଲାବିତ ଅଞ୍ଚଳ ପରିଦର୍ଶନରେ ଯାଇ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ସମ୍ମୁଖ ଡ୍ରେନ୍ ସ୍ଲାବ୍ ଭାଙ୍ଗିଯିବାରୁ ସ୍କୁଲ ପରିସରକୁ ଡ୍ରେନ୍‌ପାଣି ପଶିଯାଇଥିଲା।

ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ପାଟଣାଗଡଠାରେ ସର୍ବାଧିକ ୨୫୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବଲାଙ୍ଗୀରଠାରେ ୨୪୦ ମିଲିମିଟର, ବେଲପଡାରେ ୨୧୭ ମିମି, ପୁଇଁତଲାଠାରେ ୨୦୪ମିଲିମିଟର, ଟିଟିଲାଗଡଠାରେ ସର୍ବନିମ୍ନ ୫୨.୮ ମିମି ଓ ମୁରିବାହାଲରେ ୫୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଜିଲାର ତେଲ, ଅଙ୍ଗ, ସୁକ୍‌ତେଲ, ଲାଛ, ସୋନଗଡ ନଦୀ ଏବଂ ବିଭିନ୍ନ ନାଳାରେ ବନ୍ୟା ଜଳ ପ୍ରବାହିତ ହୋଇଛି। ସୋମବାର ଓ ମଙ୍ଗଳବାର ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ପାଣି ଘେରରେ ସବରେଜିଷ୍ଟ୍ରାର, ଉପକୋଷାଗାର କାର୍ଯ୍ୟାଳୟ



ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ସମ୍ମୁଖରେ ବର୍ଷାଜଳ ଜମିରହିଛି।

ଅମରପାଲି,୧୪।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ରବିବାରଠାରୁ ଲଘୁଚାପ ପ୍ରଭାବରୁ ଲଗାଣ ବର୍ଷା ହେଉଥିବାରୁ ଚାରିଆଡେ ଜଳାବର୍ଣ୍ଣ ହୋଇଛି। ବର୍ଷା ପାଣିରେ ଯୋର ନାଳରେ ପାଣି ବଢିଛି। ଅନେକ ସ୍ଥାନରେ ବର୍ଷା ଯୋଗୁଁ ମାଟିଘର ଭାଙ୍ଗି ଯାଇଛି। ଭୁଡିଆପାଲି ଓ ଲୁଡୁରପଙ୍କ ମଝିରେ ଯାଇଥିବା ଘୁଙ୍ଗି ନାଳ ପୋଲ ଉପରେ ଏବେ ମଧ ବନ୍ୟାପାଣି ପ୍ରବାହିତ ହେଉଛି। ବୀରମହାରାଜପୁର ସବରେଜିଷ୍ଟ୍ରାର ଓ ଉପକୋଷାଗାର କାର୍ଯାଳୟ ପାଣିଘେରରେ ରହିଛି। ଅଞ୍ଚଳର ବିଭିନ୍ନ ସ୍ଥାନରୁ ମଇଳା ପାଣି ଆସି ଉକ୍ତ କାର୍ଯ୍ୟାଳୟ ଆଗରେ ଜମି ରହିଛି। କାର୍ଯ୍ୟାଳୟକୁ ଆସୁଥିବା କର୍ମଚାରୀ ଓ ସାଧାରଣ ଲୋକେ ପାଣି ଭିତର ଦେଇ ଯିବା ଆସିବା କରୁଛନ୍ତି। କାର୍ଯ୍ୟାଳୟ ସମ୍ମୁଖରେ ପାଣି ଜମି ରହିଥିଲେ ମଧ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନାହିଁ। ଉକ୍ତ ଅଞ୍ଚଳରୁ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଅସରାଏ ବର୍ଷା ହେଲେ ଉକ୍ତ କାର୍ଯାଳୟ ଆଗରେ ବର୍ଷାଜଳ ଜମି ରହୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି ହେଉଛି।

## ବର୍ଷା ବିପ୍ରାତ, ବହୁଘର ଭାଙ୍ଗିଲା

ଲୋଇସିଂହା,୧୪।୯(ଡି.ଏନ.ଏ)

ଲଘୁଚାପଜନିତ ଲଗାଣ ବର୍ଷା ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳରେ ଜୀବନ ଯାତ୍ରାକୁ ପ୍ରଭାବିତ କରିଛି। ବିଭିନ୍ନ ଅଞ୍ଚଳରେ ମାଟିଘର ଭାଙ୍ଗିଯାଇଛି। ବହୁ ପରିବାର ବାସହାର ହୋଇଛନ୍ତି। ବ୍ଲକ ଓ ତହସିଲ ପକ୍ଷରୁ ତଦ'ନ୍ତ କରି ଅସହାୟ ପରିବାରକୁ ପଲିଥିନ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଯୋଗୀସର୍ଡା ପଞ୍ଚାୟତ ସଦର ଗାଁ ଜଗନ୍ନାଥ ମନ୍ଦିର ନିକଟରେ ବିଧବା ଚଞ୍ଚଳା ସାହୁଙ୍କ ଘର ସୋମବାର ରାତିରେ ଭୁଶୁଡି ପଡିଛି। ପଧାନ ପଡାରେ କେତେକଙ୍କ ଘର ଭାଙ୍ଗିଛି । ସେହିପରି ବାଦିବାହାଲ ପଞ୍ଚାୟତ ଅଗଲାପାଲି ଗ୍ରାମର ମୋହିନି ମୁଦୁଲିଙ୍କ ଘର ଭାଙ୍ଗି ଯାଇଛି । ବୁର୍ଡା ପଞ୍ଚାୟତ ସଦର ଗାଁ ଫାୟାର ଷ୍ଟେଶନ ସମ୍ମୁଖ ଗଳିର କାର୍ତ୍ତିକ ସାହୁଙ୍କ ଘର ମଧ ବର୍ଷା ପବନରେ କ୍ଷତିଗ୍ରସ୍ତ ହୋଇଛି।

## ଜନଜୀବନ ପ୍ରଭାବିତ

ଲାଠୋର,୧୪।୯(ଡି.ଏନ.ଏ.)

ଲଘୁଚାପ ଜନିତ ଲଗାଣ ବର୍ଷା ଓ ପବନ ଯୋଗୁଁ ଗତ ଦୁଇଦିନ ହେଲା ବଲାଙ୍ଗୀର ଜିଲା ଲାଠୋରର ଜୀବନ ଯାତ୍ରା ବ୍ୟାହତ ହୋଇଛି। ବିଭିନ୍ନ ସ୍ଥାନ ଗଛ ଉପୁଡି ପଡିବା ଯୋଗୁଁ ବିଦ୍ୟୁତ୍ ତାର ଛିଣ୍ଡି ପଡିଛି। ଏଥିଯୋଗୁ ବିଦ୍ୟୁତ୍ ସରବରାହ ବନ୍ଦ ହୋଇ ଯାଇଥିଲା। ବେନ୍ଦେରଠାରେ ତାର ଛିଣ୍ଡି ଥିବା ବେଳେ କରୁଆଝରରେ ଦୁଇଟି ଖୁଣ୍ଟ ଉପୁଡି ପଡଛି। ଲାଠୋର କଲେଜ ଛକରେ ଗଛ ଡାଳ ଭାଙ୍ଗି ପଡି ତାର ଛିଣ୍ଡିଯିବାରୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ଅବିଶ୍ରାନ୍ତ ବର୍ଷା ଯୋଗୁଁ ରାସ୍ତା ଉପରେ ପାଣି ପ୍ରବାହିତ ହେଉଛି। ଲାଠୋର ଏବଂ ସାନଗୁର୍ଜିଭଟା ପୋଲ ଉପରେ ୩ରୁ ୪ ଫୁଟ ପାଣି ପ୍ରବାହିତ ହେବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଲାଠୋର ବସ୍ତିରୁ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟକୁ ଯିବା ମୁଖ୍ୟରାସ୍ତାରେ ଥିବା ବନ୍ଧିଆ ଯୋର ପୋଲ ଉପରେ ପାଣି ପ୍ରବାହିତ ହେଉଥିବାରୁ ଯୁକ୍ତତିନି ପ୍ରଥମ ପର୍ଯ୍ୟାୟ ନାମ ଲେଖାଇବାରେ ବାଧା ଉପୁଜି ଥିଲା। ମାତ୍ର ୨୧ଜଣ ବିଦ୍ୟାର୍ଥୀ ନାମ ଲେଖାଇ ପାରିଥିବା କଲେଜ ଅଧକ୍ଷ ପ୍ରଶ୍ନ ଦାସ ସୂଚନା ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ବିଦ୍ୟୁତ୍ ସରବରାହ ସ୍ୱଭାବିକ ହୋଇଥିଲେ ମଧ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇନାହିଁ।

## ମୋଟର ଲଗାଇ ପାଣି ନିଷ୍କାସନ

ଅମରପାଲି,୧୪।୯(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ରାଜ୍ୟର ଦ୍ୱିତୀୟ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି। ବୀରମହାରାଜପୁର ଉପକଣ୍ଠର ବିଭିନ୍ନ ଗ୍ରାମରେ ବର୍ଷାପାଣି ପଶିଛି। ବର୍ଷାଜଳ ନିଷ୍କାସନ ହୋଇପାରୁ ନାହିଁ। ଚମ୍ପାପୁର, କମଳପୁର, କେନ୍ଦପାଲି ଆଦିଗ୍ରାମର ଅନେକ ଘରୁ ପାଣି ନିଷ୍କାସନ ହୋଇପାରୁ ନାହିଁ। ଲୋକେ ମୋଟର ଲଗାଇ ନିଜ ଘରୁ ପାଣି ନିଷ୍କାସନ କରୁଥିବା ଦେଖିବାକୁ ମିଳୁଛି। ଦମକଳ ବାହିନୀ ଆସି ଅନେକ ଘରୁ ଜଳ ନିଷ୍କାସନ କରୁଛନ୍ତି। ଉପକଣ୍ଠର ଚମ୍ପାପୁର ଗ୍ରାମର ବ୍ୟାସଦେବ ଦାସ, ସଂଗ୍ରାମ ପଧାନ, କ୍ଷେତ୍ରବାସୀ ମେହେର, ସନ୍ତୋଷ ମେହେର, ସତ୍ୟନାରାୟଣ ମେହେର, ବିଜୟ ମେହେର, ବେଣୁଧର ମେହେର, ପ୍ରମୋଦ ମେହେର, ଶ୍ରୀପତି ମେହେର, ସଞ୍ଜୀବ ମେହେର ପ୍ରମୁଖଙ୍କ ଘର ଭିତରେ ମଙ୍ଗଳବାର ସନ୍ଧ୍ୟା ପର୍ଯ୍ୟନ୍ତ ପାଣି ଜମି ରହିଛି।

## ପୋଖରୀ ପାଣି ଧୋଇ ନେଉଛି ରାସ୍ତା

ବାଉଁଶୁଣୀ,୧୪।୯(ଡି.ଏନ.ଏ.)

ବୌଦ୍ଧ ବ୍ଲକ ବାଉଁଶୁଣୀ ଗ୍ରାମ ପଞ୍ଚାୟତ ଅଧୀନ ଡିମିରିପାଲି ଗ୍ରାମକୁ ଯିବା ରାସ୍ତା ଧୋଇ ଯିବା ଯୋଗୁ ଜନସାଧାରଣ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲଗାଣ ବର୍ଷାରେ ଗ୍ରାମ ପୋଖରୀର ଉଦ୍‌ବୃତ୍ତ ଜଳ ରାସ୍ତା ଉପରେ ପ୍ରବାହିତ ହୋଇ ଏଭଳି ପରିସ୍ଥିତି ସୃଷ୍ଟି କରଛି। ବର୍ଷା ଦିନେ ପୋଖରିର ଉଛୁଳା ପାଣି ନିଷ୍କାସନ ପାଇଁ ରାସ୍ତା ତଳେ ଏକ ହୋମ ପାଇପ ପକାଇବାକୁ ଜନସାଧାରଣ ଦୀର୍ଘ ଦିନ ହେବା ଦାବି କରି ଆସୁଛନ୍ତି। ମାତ୍ର ଏ ଦିଗରେ ଗ୍ରାମ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଲୋକଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।



ଧୋଇ ଯାଇଥିବା ରାସ୍ତା।

## ଫୁଲୁଛି ମହାନଦୀ, ଚିନ୍ତାରେ ନଦୀକୂଳିଆବାସୀ

ବୌଦ୍ଧ,୧୪।୯(ସ୍ୱ.ପ୍ର.)

ଦୁଇ ଦିନ ହେବ ଲଘୁଚାପଜନିତ ପ୍ରବଳ ବର୍ଷା ଫଳରେ ବୌଦ୍ଧ ଜିଲା ବେହାଲ୍ ହୋଇପଡିଛି। ବର୍ଷା ଜିଲାର ପୁରୁଣା ରେକର୍ଡ ଭାଙ୍ଗି ଦେଇଛି। ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିବା ବେଳେ ଅଧିକାଂଶ ସ୍ଥାନରେ ପାଣି ଜମି ରହିଛି। ଲଗାଣ ବର୍ଷାରେ ଜିଲା ଦେଇ ପ୍ରବାହିତ ମହାନଦୀରେ ବନ୍ୟା ସ୍ଥିତି ଉପୁଜିଛି। ଅନେକ ସ୍ଥାନରେ ମହାନଦୀ ଶଯ୍ୟା ବାଲିରେ ପୋତି ହୋଇଯିବା ଯୋଗୁ ବନ୍ୟା ଆଶଙ୍କାରେ ନଦୀକୂଳିଆ ଲୋକ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ମିଳିଥିବା ସୂଚନା ମୁତାବକ, ଗତ ୧୪ ତାରିଖ ସକାଳ ସୁଦ୍ଧା ବୌଦ୍ଧରେ ୨୬୨ ମିଲିମିଟର ବର୍ଷା ହୋଇଥିବା ବେଳେ କନ୍ଧମାଳରେ ୨୩୨ ମି.ମି ଓ ହରଭଙ୍ଗାରେ ୧୯୪ ମି.ମି ବର୍ଷା ହୋଇଛି। ଜିଲାରେ ସମୁଦାୟ ୬୮୮ ମି.ମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ସେପ୍ଟେମ୍ବର ମାସରେ ଏହି ପରିମାଣର ବର୍ଷା ସର୍ବକାଳୀନ ରେକର୍ଡ ବୋଲି ଜଣାଯାଇଛି। ଲଗାଣ ବର୍ଷା ଯୋଗୁ ଜିଲାର ହାତୀ ନଦୀ, ତେଲ ନଦୀ, ବାଘ ନଦୀ ଓ ସାଲୁଙ୍କୀ ନଦୀରେ ଜଳ ପ୍ରବାହ ବୃଦ୍ଧି ପାଇଥିବାରୁ ମହାନଦୀ ଫୁଲି ଉଠିଛି। ସୋମବାର ଦିନ ମହାନଦୀରେ ବିପଦ ସଙ୍କେତ ଠାରୁ ୪ ମିଟର ତଳେ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ମଙ୍ଗଳବାର ଦିନ ୨ ମିଟର ତଳେ ପ୍ରବାହିତ ହେଉଥିବା ଜଣାପଡିଛି। ମଙ୍ଗଳବାର ଉପର ଓଳା ଜିଲାରେ ବର୍ଷା ହୋଇନାହିଁ। ତେବେ ଦୁଇ ଦିନ ଧରି ପ୍ରବଳ ବର୍ଷା ହେବାରୁ ଅନେକ ନାଳରେ ଜଳପତ୍ତନ ବୃଦ୍ଧି ପାଇବା ସହ ବହୁ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ମିଳିଥିବା ସୂଚନା ମୁତାବକ କନ୍ଧମାଳ ବ୍ଲକର ମାଣ୍ଡିଆଜୋର ରେଗଡୋଲ ରାସ୍ତା ଉପରେ ୫ ଫୁଟ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ବୌଦ୍ଧ ବ୍ଲକ ରକ୍ସା ପଞ୍ଚାୟତର ଗୋହିରା ନାଳ ଉପରେ ୪ ଫୁଟ ବନ୍ୟା ଜଳ ପ୍ରବାହିତ ହେଉଅଛି। ସେହିପରି ବୌଦ୍ଧ ବ୍ଲକର ଜମ୍ବୁ ନାଳରେ ୫ ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଛି। ହରଭଙ୍ଗା ବ୍ଲକର ଜଗନ୍ନାଥ ସଡକରେ ଯୋଗଯୋଗ ବିଚ୍ଛିନ୍ନ ହୋଇଯାଇଛି। ଅନେକ ସ୍ଥାନରେ ଗଛ ଉପୁଡି ପଡିବା ସହ ମାଟିଘର ଭାଙ୍ଗିଯାଇଛି। ଚାଷ ଜମିଗୁଡିକରେ ପାଣି ଜମି ରହିଛି।

## ବର୍ଷାରେ ଭୁଶୁଡ଼ିଲା କାନ୍ଥ, ଅଳ୍ପକେ ବର୍ତ୍ତିଲେ ପରିବାର

ଜୁନାଗଡ,୧୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଗତ ୨ ଦିନ ଧରି ଲଗାଣ ବର୍ଷା ଜାରିରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଲଗାଣ ବର୍ଷା ଯୋଗୁ ସୋମବାର ରାତିରେ ଜୁନାଗଡ ବ୍ଲକ ଦାସିଗାଁ ପଞ୍ଚାୟତ ବାନ୍ଧନପଲା ଗ୍ରାମର ପୀତାମ୍ବର ନିଆଲଙ୍କ ମାଟି ଘର କାନ୍ଥ ଭୁଶୁଡି ପଡିଥିଲା। ହେଲେ ଏଥିରୁ ପରିବାରବର୍ଗ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପୀତାମ୍ବର ଜଣେ ଗରିବ ଲୋକ ହୋଇଥିବା ବେଳେ ସରକାରଙ୍କ ପକ୍ଷରୁ ଆଜିଯାଏଁ ଘରଟିଏ ମଧ ତାଙ୍କୁ ମିଳିନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେଇ ସହାୟତା କରିବା ପାଇଁ ସେ ନିବେଦନ କରିଛନ୍ତି।



ପୀତାମ୍ବରଙ୍କ ଘର କାନ୍ଥ ଭୁଶୁଡିପଡିଛି।

## ଫସଲକୁ ଅନୁକୂଳ ନୁହେଁ ଲଗାଣ ବର୍ଷା

ବରଗଡ଼ ଅଫିସ୍,୧୪।୯

- ମରୁଡ଼ି ମୁକାବିଲାରେ ସହାୟକ ହେବନି
- ଅମଳ କମିବା ଆଶଙ୍କା କଲେ ସିଡ଼ିଏଓ

ବରଗଡ଼ ଜିଲାରେ ସୋମବାର ଓ ମଙ୍ଗଳବାର ୨ଦିନ ଧରି ଅବିଶ୍ରାନ୍ତ ବର୍ଷା ଲାଗି ରହିଛି। ଅନ୍ୟପଟେ ଆବଶ୍ୟକବେଳେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଜିଲାର ପଦ୍ମପୁର ଉପଖଣ୍ଡ ସମେତ ଅନ୍ୟ ଅଣଜଳସେଚିତ ଅଞ୍ଚଳରେ ମରୁଡ଼ି ପରିସ୍ଥିତି ଉପୁଜିଛି। ସମ୍ପୃକ୍ତ ଅଞ୍ଚଳରେ ଫସଲ ନଷ୍ଟ ହୋଇ ସାରିଲାଣି। ତେବେ ଅଣଜଳସେଚିତ ଅଞ୍ଚଳରେ ନଷ୍ଟ ହୋଇ ସାରିଥିବା ଫସଲ ପାଇଁ ଲଗାଣ ବର୍ଷା ଆଉ ଅନୁକୂଳ ନୁହେଁ। ଅନ୍ତତଃ ୨ସପ୍ତାହ ପୂର୍ବରୁ ଏଭଳି ବର୍ଷା ହୋଇଥିଲେ କିଛିମାତ୍ରାରେ ମରୁଡ଼ି ପରିସ୍ଥିତିକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା ବୋଲି ଚାଷୀମାନେ ମତପ୍ରକାଶ କରିଛନ୍ତି।

ବରଗଡ଼ ଜିଲାରେ ଜୁନ ମାସରେ ସ୍ୱାଭାବିକ ପରିମାଣଠାରୁ ଅଧିକ ବୃଷ୍ଟିପାତ ହୋଇଥିଲା। ଫଳରେ ଚାଷୀମାନେ ଧାନ ବୁଣାବୁଣି ଏବଂ ଜମି ହଳ କରିବା ଆରମ୍ଭ କରି ଦେଇଥିଲେ। କିନ୍ତୁ ଜୁଲାଇ ମାସର ବର୍ଷା ପୁଣି ଧୋକା ଦେଇଥିଲା। ଜୁଲାଇରେ ଜିଲାରେ ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୩୯୭.୨ ମିମି ରହିଛି । କିନ୍ତୁ ଏହି ମାସରେ ବୃଷ୍ଟିପାତ ପରିମାଣ ୩୨୩.୧୧ ମିମି ରହିଥିଲା। ଅଗଷ୍ଟ ମାସରେ ବୃଷ୍ଟିପାତ ପରିମାଣ ଆହୁରି କମି ଯାଇଥିଲା। ଅଗଷ୍ଟ ମାସରେ ଜିଲାରେ ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୩୭୪.୪ମିମି ରହିଛି। କିନ୍ତୁ ମାତ୍ର ଏହା ୧୪୪.୫୩ ମିମିରେ ସୀମିତ ରହିଥିଲା ଏବଂ ଜିଲାର ଅଣଜଳସେଚିତ ଅଞ୍ଚଳରେ ମରୁଡ଼ି ପରିସ୍ଥିତି ଉପୁଜିଥିଲା। ଅପରପକ୍ଷେ ସେପ୍ଟେମ୍ବର ମାସ ଦ୍ୱିତୀୟ ସପ୍ତାହରେ ଅବିଶ୍ରାନ୍ତ ବର୍ଷା ଲାଗି ରହିଛି। ପଦ୍ମପୁର ଉପଖଣ୍ଡରେ ବୃଷ୍ଟିପାତ ପରିମାଣ ଅଧିକ ରହିଛି। ଏହି ଉପଖଣ୍ଡର ଗାଇସିଲେଟ ବ୍ଲକରେ ୨୦୬.୨, ଝାରବନ୍ଧ ୧୭୫, ପଦ୍ମପୁର ୧୫୯.୪, ପାଇକମାଳ ୩୨୯ ଏବଂ ସୋହେଲା ବ୍ଲକରେ ୧୬୬ମିମି ବୃଷ୍ଟିପାତ ରେକର୍ଡ଼ ହୋଇଛି। ସମ୍ପୃକ୍ତ ଅଞ୍ଚଳରେ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ଏହା ସର୍ବାଧିକ ବୃଷ୍ଟିପାତ ହୋଇଥିଲେ ସୁଦ୍ଧା କାମକୁ ନୁହେଁ ବୋଲି ଅଞ୍ଚଳର ଚାଷୀମାନେ କହିଛନ୍ତି। ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ ବିଳାସପୁର ଗ୍ରାମର ଚାଷୀ ତୁଳାରାମ ଭୋଇ କହିଛନ୍ତି, ଦୀର୍ଘଦିନ ଧରି ବର୍ଷା ନ ହେବା ଯୋଗୁ ଧାନଗଛ ଗୁଡ଼ିକ ମରି ଗଲାଣି। ଏବେ ବର୍ଷା ହେଉଛି। ତାହା ଫସଲକୁ କିଛି କାମ ଦେବନାହିଁ ବୋଲି ସେ କହିଥିଲେ। ସେହିପରି ଏହି ବ୍ଲକ ଅନ୍ତର୍ଗତ ଭଣ୍ଡାରଜୋରୀ ଗ୍ରାମର ଅନ୍ୟ ଜଣେ ଚାଷୀ ଡୋଲାମଣି ବରିହା କହିଛନ୍ତି, ୧୫ଦିନ ଆଗରୁ ଏଭଳି ବର୍ଷା ହୋଇଥିଲେ ଫସଲ ରକ୍ଷା ହୋଇଥାନ୍ତା। ଏବେ ଯେତେ ଅଧିକ ବର୍ଷା ହେଲେ ମଧ୍ୟ ଆଉ କାମକୁ ନୁହେଁ ବୋଲି ସେ କହିଥିଲେ। ଏ ନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣାଙ୍କୁ ପଚାରିବାରୁ ୨ଦିନର ବୃଷ୍ଟିପାତ ମରୁଡ଼ି ମୁକାବିଲାରେ କିଛି ସହାୟକ ହୋଇଛି। ମାତ୍ର ଅମଳ କମିବା ସମ୍ଭାବନା ରହିଛି ବୋଲି ସେ କହିଥିଲେ।



ଅବିଶ୍ରାନ୍ତ ବର୍ଷା ଯୋଗୁ ବରଗଡ଼ ସହର ଉପକଣ୍ଠରେ ପ୍ରବାହିତ ଜିରା ନଦୀ ଜଳାର୍ଣ୍ଣବ।

